# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**3 November - 2024**

**News Editor : Itishree Singh Rathore**

***********************************

## ମୁଖ୍ୟ ସମ୍ବାଦ

- ମହାନଦୀ ଜଳବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି : କହିଲେ ମୁଖ୍ୟମନ୍ତ୍ରୀ ।

- ବଲାଙ୍ଗୀର ଜିଲ୍ଲାରେ ଶୁଭାରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ବାବଦରେ ପ୍ରତ୍ୟେକ ମାସରେ ସମୀକ୍ଷା କରିବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ।

- ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ପାଇଁ ଆଜିଠାରୁ ଆରମ୍ଭ ହେଲା ଆବେଦନ ପ୍ରକ୍ରିୟା ।

ଏବଂ

- ପରିବେଶ ସନ୍ତୁଳନ ଏବଂ ଜୈବମଣ୍ଡଳର ସଂରକ୍ଷଣର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଜୈବମଣ୍ଡଳ ସଂରକ୍ଷଣ ଦିବସ ।

## ମହାନଦୀ ଜଳବିବାଦ ପ୍ରସଙ୍ଗ

ମହାନଦୀ ଜଳବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଏହି ମାମଲାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ବଲାଙ୍ଗୀରରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏ ସମ୍ପର୍କରେ ପୂର୍ବରୁ ଦୁଇଥର ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଆଗାମୀ ଦିନରେ ମହାନଦୀ ଉପରେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଚାର ଚାଲିଛି। ଆନିକଟ୍‌ଠାରୁ ଆରମ୍ଭ କରି ବ୍ୟାରେଜ ଓ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ୮୯୦ କୋଟି ଟଙ୍କା ବ୍ୟୟରେ ୮୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ବଲାଙ୍ଗୀରରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଆଜି କହିଛନ୍ତି ଏହିସବୁ ପ୍ରକଳ୍ପର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିମାସରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସମୀକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## - V/O –

## ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଓ ୧୧ ତାରିଖରେ ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି କୁହାଯାଇଛି ।

## ସାଇବର ଠକେଇ

କଟକ ଓ ଭୁବନେଶ୍ୱରରେ ଗତମାସରେ ୭୮୦ ଜଣ ସାଇବର ଠକେଇର ଶୀକାର ହୋଇଛନ୍ତି । ପୁଲିସ୍ ସୂତ୍ରରୁ ପ୍ରକାଶିତ ରିପୋର୍ଟ ଅନୁସାରେ ୯ କୋଟିରୁ ଅଧିକ ଟଙ୍କା ସାଇବର ଅପରାଧୀ ଠକେଇ କରିଛନ୍ତି । ଭୁବନେଶ୍ୱର ସାଇବର କ୍ରାଇମ୍ ହେଲ୍ପଡେସ୍କରେ ଗତ ମାସକ ମଧ୍ୟରେ ୪୭୬ଟି ଅଭିଯୋଗ ଆସିଥିବା ବେଳେ ୭ କୋଟି ୬ ଲକ୍ଷ ୩୩ ହଜାରରୁ ଅଧିକ ଟଙ୍କାର ଠକେଇ ହୋଇଛି । ସେଥିମଧ୍ୟରୁ ୪୦ ଲକ୍ଷ ୭୩ ହଜାର ଟଙ୍କା ଅଭିଯୋଗକାରୀଙ୍କୁ ପୁଲିସ ଫେରସ୍ତ କରିଛି । ସେହିଭଳି ୧ କୋଟି ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାକୁ ବ୍ଲକ୍ କରାଯାଇଛି । କଟକ ସାଇବର କ୍ରାଇମ୍ ହେଲ୍ପଡେସ୍କରେ ଗତମାସରେ ୩୦୪ଟି ଅଭିଯୋଗ ଆସିଥିବାବେଳେ ୨

କୋଟି ୮୬ ଲକ୍ଷ ୭୨ ହଜାର ଟଙ୍କାର ଠକେଇ ହୋଇଛି। ପୁଲିସ ସେଥିମଧ୍ୟରୁ ଅଭିଯୋଗକାରୀଙ୍କୁ ୯୦ ଲକ୍ଷ ଟଙ୍କା ଫେରସ୍ତ କରିଛି। ୮ ଲକ୍ଷ ୫୫ ହଜାର ଟଙ୍କା ବ୍ଲକ୍ କରାଯାଇଛି। ସାଇବର ଅପରାଧୀମାନେ ୟୁପିଆଇ, କ୍ରେଡିଟ୍ ଡେବିଟ୍ କାର୍ଡ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ଠକେଇ କରିଥିବା ଜଣାପଡ଼ିଛି।

## ୟୁପିଆଇ କାରବାର

ଚଳିତ ବର୍ଷ ଅକ୍ଟୋବର ମାସରେ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍)ରେ ରେକର୍ଡ ୧ ହଜାର ୬୫୮ କୋଟିର କାରବାର କରାଯାଇଥିବା କେନ୍ଦ୍ର ସରକାରଙ୍କ ଏକ ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଗତମାସରେ ଦୈନିକ ହାରାହାରି କାରବାର ସଂଖ୍ୟା ୫୩ କୋଟି ୫୦ ଲକ୍ଷ ଏବଂ କାରବାର ରାଶି ୭୫ ହଜାର ୮୦୧ କୋଟି ଟଙ୍କା ରହିଥିଲା। ତେବେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅକ୍ଟୋବରରେ ୟୁପିଆଇ କାରବାରରେ ୪୫ ପ୍ରତିଶତ ବୃଦ୍ଧି ହୋଇଛି।

# ବିଦ୍ୟାଳୟ – ନିଶାଦ୍ରବ୍ୟ ନିଷିଦ୍ଧ

ବିଦ୍ୟାଳୟଠାରୁ ୩୦୦ ଫୁଟ ମଧ୍ୟରେ ମାଦକଦ୍ରବ୍ୟ ଓ ନିଶାବିକ୍ରିକୁ ସରକାର ନିଷିଦ୍ଧ ଘୋଷଣା କରିଛନ୍ତି । ଏ ସମ୍ପର୍କିତ ନିୟମ ଉଲ୍ଲଙ୍ଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି । ଏ ନେଇ

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱିଥି ଏସ୍ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କୁ ପତ୍ର ଲେଖିଛନ୍ତି । ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଶାର କୁପ୍ରଭାବ ବଢୁଥିବାରୁ ଏ ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

# ମାଟ୍ରିକ୍-୨୦୨୫ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା ମାଟ୍ରିକ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ଫର୍ମ ପୂରଣ ସଂକ୍ରାନ୍ତ ସମସ୍ତ ତଥ୍ୟ ବୋର୍ଡର ୱେବସାଇଟ www.bseodisha.ac.inରେ ଉପଲବ୍ଧ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପତ୍ରବିନିମୟ ପାଠ୍ୟକ୍ରମର ପରୀକ୍ଷାର୍ଥୀ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଅଫଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିପାରିବେ।

ଅନ୍ୟପକ୍ଷରେ ବିଦ୍ୟାଳୟ ସ୍ତରରେ ହୋଇଥିବା ଦୁଇଟି ଇଣ୍ଟରନାଲ ଆସେସ୍‌ମେଣ୍ଟ ପରୀକ୍ଷାର ନମ୍ବର ଆଜିଠାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବୋର୍ଡ ୱେବସାଇଟ୍‌ରେ ଅପଲୋଡ କରିଛନ୍ତି।

# କୃଷି ଯନ୍ତ୍ରପାତି ମେଳା

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲିଠାରୁ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯିବ । ଆସନ୍ତାକାଲି ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ, ୬ ତାରିଖରେ କଳାହାଣ୍ଡିର ଧର୍ମଗଡ, ୧୨ ତାରିଖରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ, ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ, ଗଞ୍ଜାମର ଭଞ୍ଜନଗର ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆଠାରେ ଏହି ମେଳାର ଆୟୋଜନ ହେବ । କୃଷି ଯନ୍ତ୍ରପାତି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ବିକ୍ରୟ ସହ କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ପ୍ରସାର କରାଯିବ । ଅଧିକ ସୂଚନା ପାଇଁ କୃଷି ସମୃଦ୍ଧି ହେଲ୍‌ପଲାଇନ୍ ନମ୍ବର ୧୫୫-୩୩୩ରେ ଯୋଗାଯୋଗ କରାଯାଇପାରିବ ।

## ବଜାରରେ ଅଗ୍ନିକାଣ୍ଡ

ଅନୁଗୁଳ ଡେଲି ମାର୍କେଟରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାଯାଇଛି । ଆଜି ମଧ୍ୟାହ୍ନରେ ହଠାତ୍ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିବା ଫଳରେ ସେଠାରେ ଥିବା ପରିବା ଦୋକାନ, ଦୁଇଟି ଦୁଇଚକିଆ ଯାନ ପୋଡ଼ି ନଷ୍ଟ ହୋଇଯାଇଛି । ରବିବାର ଯୋଗୁଁ ଡେଲି ମାର୍କେଟରେ ଭିଡ଼ ଥିଲେ ମଧ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ । ଖବର ପାଇ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ସେହିପରି ପୁରୀ ଜିଲ୍ଲା ଡେଲାଙ୍ଗ ପରିବା ହାଟରେ ନିଆଁ ଲାଗିଯିବା ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗିଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଡେଲାଙ୍ଗ ପୁଲିସ୍ ଏହି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଜୈବମଣ୍ଡଳ ସଂରକ୍ଷଣ ଦିବସ

ଜନସାଧାରଣ ଏବଂ ପରିବେଶ ମଧ୍ୟରେ ସମ୍ପର୍କକୁ ସଶକ୍ତ କରିବା ତଥା ବୈଶ୍ୱିକ ପରିବର୍ତ୍ତନ ପାଇଁ ସ୍ଥାନୀୟ କାର୍ଯ୍ୟକାରିତାର ଗୁରୁତ୍ୱର ବାର୍ତ୍ତା ନେଇ ଆଜି ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ ଦିବସ ପାଳନ କରାଯାଉଛି। ସାଧାରଣତଃ ସଂରକ୍ଷିତ ଦୁର୍ଲ୍ଲଭ ଜୈବ ବିବିଧତା ପରିପୂର୍ଣ୍ଣ ସ୍ଥାନ ଏବଂ ପ୍ରାକୃତିକ ସ୍ଥଳଗୁଡ଼ିକୁ ଜୈବମଣ୍ଡଳ ସଂରକ୍ଷଣ ବୋଲି କୁହାଯାଇଥାଏ। ପ୍ରକୃତି ସହିତ ସ୍ଥାୟୀ ଏବଂ ସାମଞ୍ଜସ୍ୟପୂର୍ଣ୍ଣ ସଂହତି ରକ୍ଷା କରିବା ଲାଗି ଏହି ଦିବସ ପାଳନ କରାଯାଉଛି। ୨୦୨୧ ମସିହାରେ ୟୁନେସ୍କୋ ସାଧାରଣ ଅଧିବେଶନରେ ଜୈବମଣ୍ଡଳ ସଂରକ୍ଷଣ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୟୁନେସ୍କୋ ତଥ୍ୟ ଅନୁସାରେ ବିଶ୍ୱର ୧୩୬ଟି ଦେଶରେ ୭୫୯ଟି ଜୈବମଣ୍ଡଳ ସଂରକ୍ଷର ସ୍ଥଳ ରହିଛି। ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପାଇଁ ଜୀବନ୍ତ ପରୀକ୍ଷାଗାର ଭାବେ କାର୍ଯ୍ୟ

କରୁଛି ବୋଲି ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ କହିଛନ୍ତି ।

## ଦୁର୍ନୀତି ନିବାରଣ ସପ୍ତାହ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଦୁର୍ନୀତି ନିବାରଣ ଖଣ୍ଡ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଂକ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣାଞ୍ଚଳ ପୁଲିସ ଡିଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ ନାଗରିକମାନେ ଶୃଙ୍ଖଳାଗତ ନୀତିରେ ରହି କାର୍ଯ୍ୟ କଲେ ଦୁର୍ନୀତି ନିବାରଣ ହୋଇପାରିବ ବୋଲି ମତ ଦେଇଥିଲେ। ବ୍ରହ୍ମପୁର ଦୁର୍ନୀତି ନିବାରଣ ଖଣ୍ଡ ଆରକ୍ଷୀ ଅଧିକ୍ଷକ ଗଣେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା ।

## କଟକ କାଳୀଭସାଣୀ

କଟକରେ ମା' କାଳୀଙ୍କ ଭସାଣ ଉତ୍ସବ ଆଜି ଅନୁଷ୍ଠିତ ହେଉଛି । ପୂର୍ବାହ୍ଣ ପ୍ରାୟ ୧୦ଟାରୁ ମେଢ଼ଗୁଡ଼ିକୁ ମଣ୍ଡପରୁ ବାହାର କରାଯାଇ ସାହି ପରିକ୍ରମା କରାଯାଉଛି। ବିଭିନ୍ନ ସାହି ପରିକ୍ରମା ପରେ ପୁରୀଘାଟ ଥାନା ଅନ୍ତର୍ଗତ ଦେବୀଗଡ଼ାକୁ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ନିଆଯିବ ଏବଂ ସେଠାରେ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ । ଚଳିତ ବର୍ଷ କଟକରେ ୭୦ରୁ ଊର୍ଦ୍ଧ୍ୱ କାଳୀ ପ୍ରତିମା ପୂଜା ପାଉଥିଲେ। ଭସାଣ ଉତ୍ସବକୁ ଶାନ୍ତିଶୃଙ୍ଖଳାର

ସହ ସମାପନ କରିବା ପାଇଁ କଟକ କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।